# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 13th March - 2025

**********************************

## ମୁଖ୍ୟ ସମ୍ବାଦ

- ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପାଇଁ ୨ ହଜାର ୫୧୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ ଦାବି ବିଧାନସଭାରେ ହେଲା ଉପସ୍ଥାପନ

- ବିଶ୍ୱ ଅଡିଓ ଭିଜୁଆଲ ମନୋରଞ୍ଜନ ଶିଖର ସମ୍ମିଳନୀ 'ୱେଭ୍ସ'କୁ ବ୍ୟାପକ କରିବା ପାଇଁ ନୂଆଦିଲ୍ଲୀରେ ଚାଲିଛି ବିଭିନ୍ନ ଦେଶର ରାଷ୍ଟ୍ରଦୂତଙ୍କ ସହ ସମ୍ମିଳନୀ

- ରାଜ୍ୟରେ ଅନ୍ତ୍ୟୋଦୟ ଗୃହ ଯୋଜନା ଆସନ୍ତା ୩୦ ତାରିଖରେ ହେବ ଶୁଭାରମ୍ଭ

- ପ୍ରକାଶ ପାଇଲା ଓଡ଼ିଶା ଜୁଡିସିଆଲ ସର୍ଭିସ- ଓଜେଏସ୍-୨୦୨୩ ପରୀକ୍ଷା ଫଳ

ଏବଂ

- କିଡ୍‌ନୀ ସ୍ୱାସ୍ଥ୍ୟର ସୁରକ୍ଷା ନେଇ ଆଜି ପାଳନ କରାଯାଉଛି ବିଶ୍ୱ କିଡ୍‌ନୀ ଦିବସ

*Assembly*

## ବିଧାନସଭା

ବିଧାନସଭାର ବଜେଟ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟର ପଞ୍ଚମ ଦିନରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଜି ଗୃହରେ ହଟ୍ଟଗୋଳ ହେବା ଯୋଗୁଁ ଗୃହକାର୍ଯ୍ୟ ବାରମ୍ବାର ବାଧାପ୍ରାପ୍ତ ହୋଇଥିଲା। ଗୃହରେ ହଟ୍ଟଗୋଳ ପରିସ୍ଥିତି ଜାରି ରହିବା ଯୋଗୁଁ ପ୍ରଶ୍ନକାଳ, ଶୂନ୍ୟକାଳ ଓ ମୁଲତବୀ ଆଲୋଚନା ହୋଇପାରି ନଥିଲା। ବିଧାନସଭାର ପ୍ରଥମାର୍ଦ୍ଧଟି ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଥିଲା।

ଅପରାହ୍ନ ଅଧିବେଶନରେ ଗୃହରେ ଖର୍ଚ୍ଚ ଦାବି ଉପରେ ଆଲୋଚନା ହୋଇଥିଲା। ବିଭାଗୀୟ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପାଇଁ ୨୫୧୨ କୋଟି, ୯ ଲକ୍ଷ ୭୬ ହଜାର ଟଙ୍କାର ଖର୍ଚ୍ଚ ଦାବି ଆଗତ କରିଥିଲେ। ଖର୍ଚ୍ଚ ଦାବି ଉପରେ ବିଜେଡ଼ି ବିଧାୟକ ତୁଷାରକାନ୍ତି ବେହେରା ଆଲୋଚନା ଆରମ୍ଭ କରି ଖର୍ଚ୍ଚ ଦାବିକୁ ବିରୋଧ କରିଥିବାବେଳେ ବିଜେପି ବିଧାୟକ ଭାସ୍କର ମଢ଼େଇ ଓ ଅନ୍ୟମାନେ ଏହାକୁ ସମର୍ଥନ କରିଥିଲେ। ଖର୍ଚ୍ଚ ଦାବି ଉପରେ ଆଲୋଚନା ଚାଲିଛି।

ଆଜିର ଅଧିବେଶନର ପ୍ରଥମାର୍ଦ୍ଧରେ ପୋଲାଭରମ ପ୍ରସଙ୍ଗରେ ଆଲୋଚନା ଦାବି କରି ବିଜେଡି ସଦସ୍ୟମାନେ ପ୍ରବଳ ହୋହଲ୍ଲା କରିବାରୁ

ପ୍ରାଥମିକ ପର୍ଯ୍ୟାୟରେ ବାଚସ୍ପତି ସୁରମା ପାଢ଼ୀ ପ୍ରଥମାର୍ଦ୍ଧରେ ଗୃହକୁ ଦୁଇଥର ମୁଲତବୀ ରଖିଥିଲେ। ବାଚସ୍ପତି ଶ୍ରୀମତୀ ପାଢ଼ୀ ଗୃହକୁ ଜଣାଇଥିଲେ ଯେ ବିଜେଡି ପକ୍ଷରୁ ଆଲୋଚନା ପାଇଁ ଦିଆଯାଇଥିବା ମୁଲତବୀ ନୋଟିସ୍‌କୁ ବିଭାଗୀୟ ମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି। ବିଭାଗୀୟ ମନ୍ତ୍ରୀଙ୍କ ସୂଚନା ଅନୁସାରେ, ଏହି ପ୍ରସଙ୍ଗ ବର୍ତ୍ତମାନ ଉଚ୍ଚନ୍ୟାୟାଳୟଙ୍କ ବିଚାରାଧୀନ ଥିବାରୁ ଗୃହରେ ମୁଲତବୀ ଆଲୋଚନା ନିମନ୍ତେ ଆଗତ କରାଯାଇପାରିବ ନାହିଁ।

କଂଗ୍ରେସ ବିଧାୟକମାନେ ଆଜି ମଧ୍ଯ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ନିଲମ୍ବନ ପ୍ରତିବାଦ ଏବଂ ନାରୀ ସୁରକ୍ଷା ପାଇଁ ଗୃହ କମିଟି ଗଠନ ପ୍ରସଙ୍ଗରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଗୃହରେ ରଖିଥିବା ପ୍ରସ୍ତାବ ଉପରେ ବିଚାର ପାଇଁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ ମଧ୍ଯ ଦୀର୍ଘ ସମୟ ବୈଠକ ପରେ ବି ଏଥିରୁ କୌଣସି ନିଷ୍କର୍ଷ ବାହାରି ନଥିଲା।

କଂଗ୍ରେସ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ଉପରେ ବାଚସ୍ପତି କୌଣସି ରୁଲିଂ ପ୍ରଦାନ କରି ନଥିବାରୁ କଂଗ୍ରେସ ସଭ୍ୟମାନେ ଗୃହ କାର୍ଯ୍ୟରେ ଭାଗ ନେଇନଥିବା ଜଣାପଡ଼ିଛି।

*Desk*

## ବିଧାନସଭା- ମୁଖ୍ୟମନ୍ତ୍ରୀ

ରାଜ୍ୟରେ ୯ ହଜାର ୮୩ ଜଣ କାର୍ଯ୍ୟରତ ସାମ୍ବାଦିକ ଅଛନ୍ତି। ଭୁବନେଶ୍ୱରରେ ସର୍ବାଧିକ ୧ ହଜାର ୮୧୮ ଜଣ କାର୍ଯ୍ୟରତ ସାମ୍ବାଦିକ ରହିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ କହିଛନ୍ତି। ସଦସ୍ୟ ଅମରେନ୍ଦ୍ର ଦାସଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀ ମାଝୀ କହିଛନ୍ତି, ରାଜ୍ୟରେ କର୍ତ୍ତବ୍ୟରତ ସାମ୍ବାଦିକମାନଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ସାମିଲ କରାଯିବା ସହିତ ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ଯୋଗ୍ୟ ଆବେଦନକାରୀଙ୍କୁ ନିୟମ ମୁତାବକ ଆର୍ଥିକ ସହାୟତା ସହ ବିଭିନ୍ନ ସୁବିଧା ପ୍ରଦାନ କରାଯାଉଛି।

*HS*

## ବିଧାନସଭା-୧

ରାଜ୍ୟରେ ଗତ ୫ ବର୍ଷ ମଧ୍ୟରେ ୧ ଲକ୍ଷ ୫୫ ହଜାର ୬୮ଟି ବିଦ୍ୟୁତଚାଳିତ ଯାନ ପଞ୍ଜୀକୃତ ହୋଇଥିବା ବିଧାନସଭାରେ ପରିବହନ ମନ୍ତ୍ରୀ ବିଭୂତି ଜେନା କହିଛନ୍ତି। ସଦସ୍ୟ ବିଜୟ କୁମାର ଦଳବେହେରାଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି, ରାଜ୍ୟରେ ବିଦ୍ୟୁତଚାଳିତ ଗାଡ଼ିର ଚାହିଦା ବୃଦ୍ଧି ପାଉଛି। ୨୦୨୧ ମସିହାରେ ସରକାରଙ୍କ ଦ୍ୱାରା ବୈଦ୍ୟୁତିକ ଯାନ ନିୟମ ଲାଗୁ ହେବା ପରଠାରୁ ପଞ୍ଜୀକୃତ ଦୁଇଚକିଆ, ତିନିଚକିଆ, କାର୍ ଏବଂ ବସ୍ ସଂଖ୍ୟା ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି। ବିଦ୍ୟୁତଚାଳିତ ଗାଡ଼ି ବାବଦକୁ

ସରକାର ୨୩୨ କୋଟି ଟଙ୍କା ଖର୍ଚ୍ଚ କରିଥିବା ଗୃହରେ ମନ୍ତ୍ରୀ ଶ୍ରୀ ଜେନା ସୂଚନା ଦେଇଛନ୍ତି ।

***Desk***

## ବି.ଏଡ୍ ପାଠ୍ୟକ୍ରମ

ଛାତ୍ରଛାତ୍ରୀମାନେ ଏଣିକି ଯୁକ୍ତ ଦୁଇ ପରେ ବି.ଏଡ୍ ପାଠ୍ୟକ୍ରମରେ ନାମ ଲେଖାଇ ପାରିବେ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି । ଏ ନେଇ ୧୬ଟି ଶିକ୍ଷକ– ଶିକ୍ଷଣ ଅନୁଷ୍ଠାନ ମଧ୍ୟରୁ ଆଠଟି ଶିକ୍ଷକ–ଶିକ୍ଷଣ ଅନୁଷ୍ଠାନ ସହ ମହାବିଦ୍ୟାଳୟଗୁଡ଼ିକର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ୫ ବର୍ଷ ବଦଳରେ ଏହି ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରେ ୪ ବର୍ଷୀୟା ସମନ୍ୱିତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ – ଆଇ.ଟି.ଇ.ପି. ପାଠ୍ୟକ୍ରମ ଶିକ୍ଷା ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ସୁରଜ କହିଛନ୍ତି ।

***Desk***

## ୱେଭ୍ସ୍

ଆସନ୍ତା ମଇ ମାସ ୧ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ହେବାକୁ ଥିବା ବିଶ୍ୱ ଅଡିଓ ଭିଜୁଆଲ ଏବଂ ମନୋରଞ୍ଜନ ଶିଖର ସମ୍ମିଳନୀ-ୱେଭ୍ସ୍‌କୁ ବ୍ୟାପକ କରିବା ଲାଗି କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ଅପରାହ୍ନରେ ନୂଆଦିଲ୍ଲୀରେ ୧୦୦ ରୁ ଅଧିକ ଦେଶର ରାଷ୍ଟ୍ରଦୂତ ଏବଂ ଉଚ୍ଚଆୟୁକ୍ତଙ୍କୁ ୱେଭ୍ସ୍ ସମ୍ପର୍କରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍.ଜୟଶଙ୍କର, ସୂଚନା ଓ ପ୍ରସାରଣ ମନ୍ତ୍ରୀ

ଅଶ୍ୱିନୀ ବୈଷ୍ଣବଙ୍କ ସହ ସୂଚନା ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍.ମୁରୁଗାନ ଆଲୋଚନା କରୁଛନ୍ତି। ବିଶ୍ୱସ୍ତରରେ ସୌହାର୍ଦ୍ଦ୍ୟ ବୃଦ୍ଧି ଉଦ୍ଦେଶ୍ୟରେ ୱେଭ୍ସ୍ ତତ୍ତ୍ୱାବଧାନରେ ଗଣମାଧ୍ୟମ ଓ ମନୋରଞ୍ଜନ କ୍ଷେତ୍ରରେ ବିଭିନ୍ନ ରାଷ୍ଟ୍ରଙ୍କ ପାଇଁ ସମାନ ସୁଯୋଗ ଉପଲବ୍ଧ କରିବା ପାଇଁ ଆଜି ଏହି ସମ୍ମିଳନୀର ଆୟୋଜନ କରାଯାଇଛି।

***HS***

## ମୁଖ୍ୟମନ୍ତ୍ରୀ – ଅନ୍ତୋଦ୍ୱୟ ଗୃହ ଯୋଜନା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୩୦ ତାରିଖରେ କଳାହାଣ୍ଡି ଜିଲ୍ଲାରୁ ଅନ୍ତ୍ୟୋଦ୍ୱୟ ଗୃହ ଯୋଜନାର ଶୁଭାରମ୍ଭ କରିବେ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି। ଏହି ଯୋଜନାରେ ୫୦ ହଜାର ଲୋକଙ୍କୁ ସରକାର ସାମିଲ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଦିବ୍ୟାଙ୍ଗ, ରୋଗାକ୍ରାନ୍ତ ବ୍ୟକ୍ତି, ବିଧବା ମହିଳା, ସହିଦ୍ ପରିବାରର ବ୍ୟକ୍ତି ଓ ପ୍ରାକୃତିକ ବିପର୍ଯ୍ୟୟରେ ପ୍ରଭାବିତ ବ୍ୟକ୍ତିମାନଙ୍କୁ ଏହି ଯୋଜନାରେ ସାମିଲ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି।

***Desk***

## ଓଜେଏସ୍ ରେଜଲ୍ଟ

ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଓଡ଼ିଶା ଜୁଡିସିଆଲ ସର୍ଭିସ- ଓଜେଏସ୍-୨୦୨୩ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ସୋମେଶ ରଣ ବିଜୁଳି ସର୍ବାଧିକ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଅରୁଣିମା ପତି ଏବଂ ପାଏଲ ଅଡ୍ଡା ଦ୍ୱିତୀୟ ଓ ତୃତୀୟ

ସ୍ଥାନ ହାସଲ କରିଛନ୍ତି। ପରୀକ୍ଷାରେ ସମୁଦାୟ ୩୩ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା ବେଳେ ୨୪ ଜଣ ଝିଅ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି।

***Desk***

# ବିଶ୍ୱ କିଡ୍‌ନୀ ଦିବସ

କିଡ୍‌ନୀ ବା ବୃକକ୍ ରୋଗର କାରଣ ଏବଂ ଏହାକୁ ପ୍ରତିହତ କରିବା ନେଇ ଜନସଚେତନତା ବୃଦ୍ଧି ଲକ୍ଷ୍ୟରେ ପ୍ରତିବର୍ଷ ମାର୍ଚ୍ଚ ମାସ ଦ୍ୱିତୀୟ ଗୁରୁବାରକୁ ବିଶ୍ୱ କିଡ୍‌ନୀ ଦିବସ ଭାବେ ପାଳନ କରାଯାଇଥାଏ। ଚଳିତବର୍ଷର ବାର୍ତ୍ତା ରହିଛି 'ଆପଣଙ୍କ କିଡ୍‌ନୀ ଠିକ୍ ଅଛିତ? ପ୍ରାଥମିକ ସ୍ତରରୁ ଚିହ୍ନଟ କରନ୍ତୁ, କିଡ୍‌ନୀ ସ୍ୱାସ୍ଥ୍ୟକୁ ସୁରକ୍ଷା ଦିଅନ୍ତୁ'। ଅସନ୍ତୁଳିତ ଜୀବନଶୈଳୀ, ମାତ୍ରାଧିକ ପେନ୍‌କିଲର୍ ଔଷଧ ସେବନ, ମେଦବହୁଳତା, ଶରୀରରେ ଜଳୀୟ ଅଂଶ ଅଭାବ ଭଳି ଲକ୍ଷଣ କିଡ୍‌ନୀ ରୋଗର କାରଣ ହୋଇଥାଏ। ଉଚ୍ଚ ରକ୍ତଚାପ ଏବଂ ମଧୁମେହ ଦୀର୍ଘଦିନ ଧରି ଶରୀରରେ ରହିଲେ କିଡ୍‌ନୀ କ୍ଷତିଗ୍ରସ୍ତ ହୋଇଥାଏ। କିଡ୍‌ନୀ ରୋଗର ନିରାକରଣ ପାଇଁ ଅତିକମ୍‌ରେ ଦିନକୁ ୮ ଗ୍ଲାସ୍ ପାଣି ପିଇବା ଦରକାର। ସୁଷମ ଖାଦ୍ୟ ସହିତ ତଟକା ପନିପରିବା, ଫଳ, ନିୟମିତ ବ୍ୟାୟାମ ଏବଂ ଅନ୍ତତଃ ଅଢ଼େଇ ଘଣ୍ଟା ଚାଲିବା ଦରକାର। କେନ୍ଦ୍ର ଓ ରାଜ୍ୟ ସରକାର କିଡ୍‌ନୀ ରୋଗର ନିରାକରଣ ପାଇଁ ପ୍ରତ୍ୟେକ ସଦର ମହକୁମା' ଡାକ୍ତରଖାନାରେ ଚିକିତ୍ସା ବ୍ୟବସ୍ଥା ସହିତ କିଡ୍‌ନୀ ଡାଏଲିସିସ୍‌ର ବ୍ୟବସ୍ଥା କରିଛନ୍ତି।

*Ganjam*

## କ୍ରୀଡ଼ା ପ୍ରଶିକ୍ଷଣ ଶିବିର

ଗଞ୍ଜାମ ଜିଲ୍ଲା ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷରେ ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ପାଇଁ ଦୁଇଦିନିଆ ସ୍ୱତନ୍ତ୍ର ଅଲିମ୍ପିକ୍ ଏକୀକୃତ କ୍ରୀଡ଼ା ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ସୁସ୍ଥ ଏବଂ ନିରୋଗ ଶରୀର ପାଇଁ କ୍ରୀଡ଼ା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆଜିର ଉଦ୍‌ଯାପନୀ ଦିବସରେ ସ୍ଥାନୀୟ ଅନ୍‌ସ୍ଲୋ ଷ୍ଟାଡିୟମ୍‌ରେ ପ୍ରଶିକ୍ଷିକା ସମସ୍ତ ଶିବିରାର୍ଥୀଙ୍କୁ ବିଭିନ୍ନ ପ୍ରକାର ବ୍ୟାୟାମ ଓ ଖେଳ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

*Ganjam/Balangir/Nuapada(2)/Puri/Deogarh*

## ସଂକ୍ଷିପ୍ତରେ ଖବର...

ପୁରୀ ଶ୍ରୀମନ୍ଦିରରେ ଆଜି ପାରମ୍ପରିକ ରୀତିନୀତିରେ ମହାପ୍ରଭୁଙ୍କ ମେଣ୍ଢାପୋଡ଼ି ନୀତି ଅନୁଷ୍ଠିତ ହେଉଛି। ହୋଲିକା ରାକ୍ଷସୀକୁ ଦହନର ପ୍ରତିଫଳନ ସ୍ୱରୂପ ଏହି ମେଣ୍ଢାପୋଡ଼ି ନୀତି ଅନୁଷ୍ଠିତ ହୋଇଥାଏ ବୋଲି ବିଶ୍ୱାସ ରହିଛି।

ନୂଆପଡ଼ା ଜିଲ୍ଲାରେ ଚଳିତ ବର୍ଷ ୨ ହଜାର ୬୩୪ ଜଣ ଚାଷୀଙ୍କଠାରୁ ୨୦ ହଜାର କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ ହୋଇଛି। ମାଣ୍ଡିଆ ଚାଷ ସଂଗ୍ରହ ତାଲିକାରେ ନୂଆପଡ଼ା ଜିଲ୍ଲା ସର୍ବାଧିକ ମାଣ୍ଡିଆ ସଂଗ୍ରହ କରିଥିବା ଜଣାପଡ଼ିଛି।

ନୂଆପଡ଼ା ଜିଲ୍ଲା ପୁଲିସ ପକ୍ଷରୁ ୩୫୩ ନମ୍ବର ଜାତୀୟ ରାଜପଥରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ହେଲମେଟ୍ ପିନ୍ଧିଥିବା ବାଇକ୍ ଆରୋହୀଙ୍କୁ ଗୋଲାପ ଫୁଲ ଦେଇ ପୁଲିସ ପକ୍ଷରୁ ସ୍ୱାଗତ କରାଯାଇଛି ।

ଗଞ୍ଜାମ ଜିଲ୍ଲା ଘୁମୁସର ବନଖଣ୍ଡ ପକ୍ଷରୁ ବିଭିନ୍ନ ଜଙ୍ଗଲ ଜାତ ଔଷଧ ଦ୍ରବ୍ୟର ଭଣ୍ଡାର ବନାନୀ ଉଦ୍‌ଘାଟିତ ହୋଇଯାଇଛି । ଜଙ୍ଗଲରୁ ସଂଗ୍ରହ ହେଉଥିବା ଅଁଳା, ବାହାଡ଼ା, ହରିଡ଼ା, ପିପଳୀ, ମହୁ, ଝୁଣା, ଲାଖ, ଫୁଲଝାଡୁ, ଖଲିପତ୍ର ଏବଂ ବିଭିନ୍ନ ଔଷଧୀୟ ସାମଗ୍ରୀର ବିକ୍ରିବଟା ପାଇଁ ଜଙ୍ଗଲ ବିଭାଗ ତରଫରୁ ହାଟନଗରଠାରେ ବିକ୍ରୟ କେନ୍ଦ୍ର ବନାନୀ ଖୋଲାଯାଇଛି ।

ବଲାଙ୍ଗୀର ଜିଲ୍ଲା ଭଇଁସା ଗ୍ରାମରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ବିଗ୍ରହ ପ୍ରତିଷ୍ଠା ୯ ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମରେ ଆଜି ପୂର୍ଣ୍ଣାହୁତି ପଡ଼ିଛି । ପୂର୍ଣ୍ଣାହୁତି ପର୍ବରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗଦେଇଥିଲେ ।

ଦେବଗଡ଼ ଜିଲ୍ଲା ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ରାଜସ୍ୱ ଆଦାୟ ପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

*****